# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 November – 2025**

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭା ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ

— ଚଳିତବର୍ଷର ଅତିରିକ୍ତ ବଜେଟ ଅପରାହ୍ଣରେ ଗୃହରେ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

- ଶିକ୍ଷାନୁଷ୍ଠାନଗୁଡ଼ିକର ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ
- ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତା ରବିବାର ଦିନ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

ଏବଂ

- ରାଜ୍ୟରେ ଶୀତର ପ୍ରଭାବ ଆସନ୍ତାକାଲି ପର୍ଯ୍ୟନ୍ତ ଲାଗିରହିବା ନେଇ ପାଣିପାଗ ବିଭାଗର ସୂଚନା

## ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ଦ୍ୱିତୀୟ ଦିନରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଛି। ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ଶିଳ୍ପ, ଅନୁସୂଚିତ ଜାତି ଓ ଜନଜାତି, କ୍ରୀଡା ଓ ଯୁବବ୍ୟାପାର, ସାମାଜିକ ସୁରକ୍ଷା ଭଳି ବିଭିନ୍ନ ବିଭାଗର ପ୍ରଶ୍ନକାଳ ରହିଛି। ଶୂନ୍ୟକାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀ ସଦସ୍ୟମାନେ ଆଲୋଚନା ଜାରି ରଖିଛନ୍ତି।

ଚଳିତ ଆର୍ଥିକବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦ୍ୱିତୀୟାର୍ଦ୍ଧରେ ଉପସ୍ଥାପନ କରିବେ। ପ୍ରାୟ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅତିରିକ୍ତ ବଜେଟ୍ ପ୍ରସ୍ତାବ ଶ୍ରୀ ମାଝୀ ଗୃହରେ ଆଗତ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଅତିରିକ୍ତ ବଜେଟ୍ ଆଗତ ହେବା ପରେ ଏହା ଉପରେ ଆସନ୍ତା ୪, ୫ ଓ ୬ ତାରିଖରେ ଖର୍ଚ୍ଚ ଦାବି ଆଲୋଚନା ହେବ। ଆସନ୍ତା ୮ ତାରିଖରେ ଗୃହରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବ। ଗତ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଅତିରିକ୍ତ ବଜେଟ୍ ଚିଠା ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା।

## ବିଧାନସଭା-ଜମି ଜବରଦଖଲ

ରାଜ୍ୟର ସମସ୍ତ କଲେଜ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ

ସୂରଜ କହିଛନ୍ତି। ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ଭଦ୍ରକ ସମେତ ରାଜ୍ୟର ଅନେକ କଲେଜର ଜମି ଏବେ ମଧ୍ୟ ଜବର ଦଖଲରେ ରହିଛି। ଏହାର ତୁରନ୍ତ ସମାଧାନ ପାଇଁ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

ଅନ୍ୟପକ୍ଷରେ ସମସ୍ତ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଆବଶ୍ୟକ ସୁବିଧା ପ୍ରଦାନ କରି ଆଦର୍ଶ ମହାବିଦ୍ୟାଳୟରେ ପରିଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

**- V/O -(ସୂର୍ଯ୍ୟବଂଶୀ ସୂରଜ)**

## ବିଧାନସଭା–ଶିଳ୍ପସଂସ୍ଥା

ଶିଳ୍ପ ସଂସ୍ଥାମାନେ ରାଜ୍ୟ ସରକାରଙ୍କ ନିକଟରୁ ଜମି ନେଇ ସଠିକ ଭାବେ ଉପଯୋଗ କରୁନାହାନ୍ତି। ୨ ହଜାର ୫୭ଟି ଶିଳ୍ପସଂସ୍ଥା ବିରୋଧରେ ମାମଲା ରୁଜୁ କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୃହରେ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୧୨୨ଟି ଶିଳ୍ପାଞ୍ଚଳରେ ୬ ହଜାର ୪୭୯ଟି ଶିଳ୍ପସଂସ୍ଥାକୁ ସରକାର ୬ ହଜାର ୫୮୨ ଏକର ଜମି ଯୋଗାଇ ଦେଇଥିଲେ। ଏଥିରୁ ୨ ହଜାର ୫୭ଟି ଶିଳ୍ପସଂସ୍ଥା ଜମି ନେଇ ଏହାର ସଦୁପଯୋଗ କରି ନାହାନ୍ତି। ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଜମି ଆବଣ୍ଟନ ରଦ୍ଦ କରାଯାଇଛି। ୩୫୮ଟି ଶିଳ୍ପସଂସ୍ଥା ବିରୋଧରେ ଉଚ୍ଛେଦ ନିର୍ଦ୍ଦେଶ ଦିଆଯିବା

ସହ ୪୯୦ଟି ଶିଳ୍ପସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତ ସାରି ଆଜି ପ୍ରତ୍ୟାବର୍ତ୍ତନ କରିଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି, ବାଚସ୍ପତି ସୁରମା ପାଢ଼ୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବରିଷ୍ଠ ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ବିଧାନସଭାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ରାଜ୍ୟର ଗଣତାନ୍ତ୍ରିକ ଯାତ୍ରା ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

## ଶ୍ରମ ସଂହିତା

କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତପାଇଁ ଶ୍ରମ ସଂସ୍କାର କ୍ଷେତ୍ରରେ ୪ଟି ନୂତନ ଆଇନର ପ୍ରଣୟନ କରିଛନ୍ତି । ଏହି ଆଇନ ଅନୁସାରେ ସଙ୍ଗଠିତ ଓ ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ପ୍ରତିମାସ ୭ ତାରିଖ ସୁଦ୍ଧା ବେତନ ପାଇବା ନେଇ ସମୟ ନିର୍ଦ୍ଧାର କରାଯାଇଛି । ଗୋଟିଏ ବର୍ଷରେ ୧୮୦ ଦିନ କାର୍ଯ୍ୟ କରିବା ପରେ ବାର୍ଷିକ ପ୍ରାପ୍ୟଯୁକ୍ତ ଛୁଟିର ମଧ୍ୟ ଆଇନରେ ବ୍ୟବସ୍ଥା ରହିଛି । ନିଶ୍ଚିତ ଅବଧିର କର୍ମଚାରୀମାନଙ୍କୁ ସ୍ଥାୟୀ

କର୍ମଚାରୀମାନଙ୍କ ଭଳି ସମାନ ସୁବିଧା ମିଳିବା ସହିତ ଚାକିରିର ବର୍ଷେ ପରେ ଗ୍ରାଚୁଇଟି ପାଇବା ପାଇଁ ଆଇନ୍‌ରେ ଉଲ୍ଲେଖ ଅଛି।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୮ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ବିଧାନସଭା-ସ୍କୁଲ ଛାତ୍ରଛାତ୍ରୀ

ରାଜ୍ୟର ବିଭିନ୍ନ ସ୍କୁଲରେ ଅଧାରୁ ପାଠ ଛାଡିଥିବା ମୋଟ୍ ୧ ଲକ୍ଷ ୮୩ ହଜାର ୨୧୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୦ ହଜାର ୭୨୯ ଜଣ ଛାତ୍ରଛାତ୍ରୀଙ୍କୁ ସରକାର ସ୍କୁଲକୁ ଫେରାଇ ଆଣିଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ କହିଛନ୍ତି।

**- V/O -(ନିତ୍ୟାନନ୍ଦ ଗଣ୍ଡ)**

ଛାତ୍ରଛାତ୍ରୀଙ୍କ ପୁନଃ ନାମଲେଖା ପାଇଁ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍କୁଲ ଛାଡିଥିବା ପିଲାଙ୍କ ଅଭିଭାବକଙ୍କ ସହ ମଧ୍ୟ ଆଲୋଚନା କରାଯାଉଛି। ପୂର୍ବରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଏମ୍ ପୋଷଣ ଯୋଜନା ଦ୍ୱାରା ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା। ବର୍ତ୍ତମାନ ସିଏମ୍ ପୋଷଣ ଯୋଜନା ଅଧୀନରେ ନବମ-ଦଶମର ପ୍ରାୟ ୧୦ ଲକ୍ଷ ୮୦ ହଜାର ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ୩୦ଟି ଜିଲ୍ଲାରେ ଥିବା ୩୧୫ଟି ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ରହିଛି। ୩୧୫ଟି ଅଧ୍ୟକ୍ଷ ପଦବୀରୁ ୨୬୧ଟି ପଦବୀ ଓ ୧୮୫ଟି ଉପ-ଅଧ୍ୟକ୍ଷ ପଦବୀ ଖାଲି ରହିଛି। ୮୮୩ଟି ପିଜିଟି, ୬୬୫ଟି ଟିଜିଟି ପଦବୀ ମଧ୍ୟ ଖାଲିପଡିଥିବା ନେଇ ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ଦିବ୍ୟାଙ୍ଗ

ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷା ପାଇଁ ୧୫ ଶହ ଜଣ ସ୍ୱତନ୍ତ୍ର ଶିକ୍ଷକଙ୍କୁ ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଜାରି ରହିଛି ବୋଲି ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଅନ୍ୟପକ୍ଷରେ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ଯୋଗୁଁ ବନ୍ଦ ରହିଥିବା ୪୬ଟି ସ୍କୁଲକୁ ପୁଣି ଥରେ ଖୋଲାଯାଇଛି। ଆଉ ୪ଟି ସ୍କୁଲ ଖୋଲିବା ନେଇ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଗୃହରେ ସୂଚନା ଦେଇଛନ୍ତି। ରାଜ୍ୟରେ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ର ସରକାର ୪୬୨ଟି ପିଏମ୍‌ଶ୍ରୀ ସ୍କୁଲକୁ

ଅନୁମୋଦନ କରିଥିଲେ। ରାଜ୍ୟ ସରକାର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା ପରେ ଅତିରିକ୍ତ ୩୦୦ ସ୍କୁଲକୁ ଅନୁମୋଦନ ମିଳିଛି। ଏହି ସମସ୍ତ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

## ବିଧାନସଭା-ମଧୁବାବୁ ପେନ୍‌ସନ୍

ରାଜ୍ୟରେ ମଧୁବାବୁ ପେନ୍‌ସନ୍ ଯୋଜନା ଏବଂ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ୭ ଲକ୍ଷରୁ ଅଧିକ ହିତାଧିକାରୀ ଭତ୍ତା ପାଇବାକୁ ଯୋଗ୍ୟ ବୋଲି ବିଭାଗୀୟ ମନ୍ତ୍ରୀ  ନିତ୍ୟାନନ୍ଦ ଗଣ୍ଡ ଆଜି ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ବର୍ତ୍ତମାନ ୫୬ ଲକ୍ଷ ୧୮ ହଜାର ହିତାଧିକାରୀ ବିଭିନ୍ନ ଯୋଜନାରେ ଭତ୍ତା ପାଉଛନ୍ତି। ସେଥିମଧ୍ୟରୁ ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ହିତାଧିକାରୀଙ୍କ ସଂଖ୍ୟା ୩ ଲକ୍ଷ ୮୫ ହଜାର ୭୯୭ ଓ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କ ସଂଖ୍ୟା ୧ ଲକ୍ଷ ୬ ହଜାର ୩୧୭ ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ପ୍ରବେଶିକା ପରୀକ୍ଷା

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଜାରି ରହିଛି। ଛାତ୍ରଛାତ୍ରୀମାନେ www.bseodisha.ac.in ଏବଂ www.oav.edu.in ୱେବ୍‌ସାଇଟ୍ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଆସନ୍ତା ସୋମବାର ଆବେଦନର ଶେଷ ତାରିଖ ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସମୀକ୍ଷା

ଗୃହ ଓ ସହରୀ ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରୂପା ମିଶ୍ର ଦୁଇଦିନିଆ **ଗଜପତି** ଜିଲ୍ଲା ଗସ୍ତରେ ଯାଇ ଆକାଂକ୍ଷା ଜିଲ୍ଲା ଓ ବ୍ଲକର ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଆର୍ଥିକ ସମାବେଶ, ଦକ୍ଷତା ବିକାଶ ଆଦି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଏହାର ସୁଫଳ କିଭଳି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଶୂନ୍ୟ ମୃତାହତ ପକ୍ଷ

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ **ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ସଡକ ଦୁର୍ଘଟଣାଜନିତ ଶୂନ୍ୟ ମୃତାହତ ପକ୍ଷ ପାଳନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ପୁଲିସ୍ ପ୍ରଶାସନ ଅଧିକାରୀ, ଛାତ୍ରଛାତ୍ରୀମାନେ ସାଇକେଲରେ ନଗର ପରିକ୍ରମା କରି ଟ୍ରାଫିକ୍ ନିୟମ ପାଳନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି।

**ନୂଆପଡ଼ା**ଠାରେ ଆୟୋଜିତ ସଡକ ସୁରକ୍ଷା ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ ଦ୍ୱାରା ଜନସଚେତନତା ସୃଷ୍ଟି କରାଯାଇଥିଲା।

# ପାଣିପାଗ

ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡି ଦୃଶ୍ୟମାନ ହେବା ନେଇ ପାଣିପାଗ ବିଭାଗ କହିଛି।

ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ତା'ର ଆଖପାଖ ଶ୍ରୀଲଙ୍କା ଉପକୂଳରେ କେନ୍ଦ୍ରୀଭୂତ ଗଭୀର ଅବପାତ ବାତ୍ୟା 'ଡିଟୱା'ରେ ପରିଣତ ହୋଇଛି । ବାତ୍ୟା 'ସେନ୍ୟାର' ଆଜି ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହେବ ।